# NATIONAL NEWS BULLETIN (ODIA)

**20 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାଂସ୍କୃତିକ ପୁନର୍ଜାଗରଣ ପାଇଁ ଦେଶର ସମୃଦ୍ଧ ଐତିହ୍ୟ ଏବଂ ଶାସ୍ତ୍ରୀୟ ଭାଷାର ସଂପର୍କ ଉପରେ ଗୁରୁତ୍ୱ ଦେଲେ ଉପରାଷ୍ଟ୍ରପତି

- ଅଖିଳ ଭାରତୀୟ ପ୍ରିଜାଇଡିଂ ଅଫିସର ସମ୍ମିଳନୀ ଏଆଇପିଓସିର ୮୫ତମ ଅଧିବେଶନ ପାଟନାଠାରେ ଆରମ୍ଭ

- ଓଡ଼ିଶାର କୋଣାର୍କଠାରେ ଆରମ୍ଭ ହେଲା ତୃତୀୟ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ

- ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଆଜି ନେବେ ଶପଥ

ଏବଂ

- ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗରେ ଆଜି ଜେ.ଏସ୍.ଡବ୍ଲୁ ସୁରମା ହକି କ୍ଲବ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ହେବ ମୁକାବିଲା

## ଭିପି ଇଣ୍ଡୋଲୋଜି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ସାଂସ୍କୃତିକ ପୁନର୍ଜାଗରଣ ପାଇଁ ଦେଶର ସମୃଦ୍ଧ ଐତିହ୍ୟ ଏବଂ ଶାସ୍ତ୍ରୀୟ ଭାଷାର ସଂପର୍କ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀର ନନ୍ଦଲାଲ ନୁଆଲ୍ ସେଣ୍ଟର ଅଫ୍ ଇଣ୍ଡୋଲୋଜିର ଶିଳାନ୍ୟାସ ସମାରୋହରେ ଯୋଗଦେଇ ଶ୍ରୀ ଧନଖଡ଼ ଏହା କହିଛନ୍ତି ।

ସେ କହିଛନ୍ତି ଭାରତ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାତାବରଣ ଉପରେ ସର୍ବଦା ଗୁରୁତ୍ୱ ଦେଇ ଆସୁଛି । ଦେଶର ପ୍ରାଚୀନ ଭାଷା ଓ ସାହିତ୍ୟର ସଂରକ୍ଷଣ ଉପରେ ଆଲୋକପାତ କରି ଉପରାଷ୍ଟ୍ରପତି ଏ କ୍ଷେତ୍ରରେ ଯୁବବର୍ଗଙ୍କୁ ଉତ୍ସାହିତ କରିବାକୁ ଆହ୍ୱାନ ଦେଇଛନ୍ତି । ଭାରତୀୟ ସଂସ୍କୃତି ଓ ଏହାର ସଂରକ୍ଷଣ, ଶାସନ ବ୍ୟବସ୍ଥାର ପ୍ରାଚୀନ ନୀତି ନେଇ ସଚେତନତା ବୃଦ୍ଧି ଉପରେ ଉପରାଷ୍ଟ୍ରପତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ପୋଷ୍ଟ- ୭୫ ବର୍ଷ କନ୍‌ଷ୍ଟିଚ୍ୟୁସନ

ଭାରତୀୟ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଡାକ ବିଭାଗ ପକ୍ଷରୁ  ନୂଆଦିଲ୍ଲୀରେ ଆଜିଠାରୁ ତିନି ଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହେଉଛି। ଜାତୀୟ ଡାକଟିକଟ ସଂଗ୍ରହାଳୟରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ସବୁ ବୟସର ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରକାରର ଆକର୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନୀ, କୁଇଜ୍, ଷ୍ଟାମ୍ପ ସଫାରି ଓ ଲିଖନ ପ୍ରତିଯୋଗିତା ଆଦି ସ୍ଥାନ ପାଇଛି ।

ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହି ଅବସରରେ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି । ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ସିନ୍ଧିଆ କହିଛନ୍ତି, ବିକାଶପଥରେ ସମ୍ବିଧାନ ଆମକୁ ପଥ ପ୍ରଦର୍ଶନ କରିଚାଲିଛି । ଛାତ୍ରଛାତ୍ରୀଙ୍କୁ  ସମ୍ବିଧାନର ମୂଲ୍ୟବୋଧ ପ୍ରତିଫଳିତ କରାଇବା ଏବଂ ଡାକ ବିଭାଗର ଯାତ୍ରା ସହିତ ପରିଚୟ କରାଇବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଏହି ଅବସରରେ ଆୟୋଜନ ହେବା ନେଇ ମନ୍ତ୍ରୀ ଶ୍ରୀ ସିନ୍ଧିଆ ସୂଚନା ଦେଇଛନ୍ତି ।

## ଏଆଇପିଓସି ଅଧିବେଶନ

ଅଖିଳ ଭାରତୀୟ ପ୍ରିଜାଇଡିଂ ଅଫିସର ସମ୍ମିଳନୀ ଏଆଇପିଓସିର ୮୫ତମ ଅଧିବେଶନ ଆଜିଠାରୁ ପାଟନାଠାରେ ଆରମ୍ଭ ହୋଇଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବାଚସ୍ପତି ଓମ୍ ବିର୍ଲା ବିହାର ବିଧାନସଭାର କେନ୍ଦ୍ରୀୟ ହଲ୍‌ରେ ଉଦ୍‌ଘାଟନ କରିଛନ୍ତି । ଦୀର୍ଘ ୪୩ବର୍ଷ ପରେ ବିହାରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିଭିନ୍ନ ରାଜ୍ୟ, ଲୋକସଭା ଏବଂ ରାଜ୍ୟସଭାରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି ।

---

## ଡବ୍ଲୁବି-ଆର୍‌ଜିକର

କୋଲକାତା ଆର୍.ଜି.କର ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ସିଆଲଦା କୋର୍ଟ ଆଜି ଦଣ୍ଡାଦେଶ ପ୍ରଦାନ କରିବେ । କୋର୍ଟ ଗତ ଶନିବାର ଦିନ ଏହି ମାମଲାରେ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସଞ୍ଜୟ ରାୟଙ୍କୁ ଦୋଷୀ ଘୋଷଣା କରିବା ଅବସରରେ ବିଚାରପତି କହିଛନ୍ତି, ତଦନ୍ତକାରୀ ସଂସ୍ଥା ସିବିଆଇ ଦାଖଲ କରିଥିବା ତଥ୍ୟରୁ ଦୋଷ ପ୍ରମାଣିତ ହୋଇଛି । ସୂଚନାଯୋଗ୍ୟ ଗତବର୍ଷ ଅଗଷ୍ଟ ୯ ତାରିଖରେ ଆର୍.ଜି.କର ମେଡ଼ିକାଲ କଲେଜ ସେମିନାର ହଲ୍‌ରୁ ପି.ଜି. ଡାକ୍ତରୀ ଛାତ୍ରୀଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଘଟଣାରେ ଅଗଷ୍ଟ ୧୦ ତାରିଖରେ କୋଲକାତା ପୋଲିସ୍ ସଞ୍ଜୟ ରାୟଙ୍କୁ ଗିରଫ କରିଥିଲା । ପରେ ତାଙ୍କୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା । ସିବିଆଇ ତଦନ୍ତ ଶେଷ କରି ଏହି ମାମଲାରେ ସଞ୍ଜୟ ରାୟଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲା ।

---

## ଖଣିମନ୍ତ୍ରୀ ସମ୍ମିଳନୀ

ଓଡ଼ିଶାର କୋଣାର୍କଠାରେ ଆଜିଠାରୁ ତୃତୀୟ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ ଆରମ୍ଭ ହୋଇଛି। ଖଣିଜ ସମ୍ପଦ କ୍ଷେତ୍ରରେ ସମ୍ଭାବନା ଏବଂ ୨୦୪୭ ବିକଶିତଭାରତ ପରିକଳ୍ପନା ଆଧାରରେ ଏହି ଦୁଇଦିନିଆ ସମ୍ମିଳନୀ ଖଣି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଇଛି। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି.କିଶନ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ୧୧ଟିରୁ ଅଧିକ ରାଜ୍ୟର ଖଣିମନ୍ତ୍ରୀଙ୍କ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ, ଜାମ୍ମୁ-କାଶ୍ମୀରର ଉପମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭାଗୀୟ ବରିଷ୍ଠ ପଦାଧିକାରୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଦେଶ ବ୍ୟାପୀ ଦକ୍ଷ, ସୁରକ୍ଷିତ ଏବଂ ପରିବେଶ ଅନୁକୂଳ ଖଣି କାର୍ଯ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବାକୁ ଏହି ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଉଛି ।

---

## ଟ୍ରମ୍ପ ଓଥ୍

ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଆଜି ଶପଥ ଗ୍ରହଣ କରିବେ । ୱାଶିଂଟନ୍ ଡିସି ଠାରେ ଆମେରିକାର ପ୍ରଧାନ ବିଚାରପତି ଜନ୍ ରବର୍ଟସ୍' ଶ୍ରୀ ଟ୍ରମ୍ପଙ୍କୁ ଶପଥପାଠ କରାଇବେ । ଭାରତୀୟ ସମୟ ଆଜି ରାତି ୮ଟା ୩୦ ମିନିଟ୍ ସମୟରେ ଏହି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ପ୍ରବଳ ଥଣ୍ଡା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶପଥ ଗ୍ରହଣ ସମାରୋହ ରୋଟୁଣ୍ଡାଠାରେ ଏକ ହଲ୍‌ରେ ଅନୁଷ୍ଠିତ ହେବ । ଶପଥ

ଗ୍ରହଣ କରିବା ପରେ ଶ୍ରୀ ଟ୍ରମ୍ପ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରି ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ଆମେରିକାର ଉପରାଷ୍ଟ୍ରପତି ଭାବେ ଜେଡି ଭାନ୍ସ ମଧ୍ୟ ଶପଥ ଗ୍ରହଣ କରିବେ । ସୂଚନାଯୋଗ୍ୟ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି ।

ଉତ୍ସବରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର, ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲି, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ଇକୁଏଡର ରାଷ୍ଟ୍ରପତି ଡାନିଏଲ୍ ନୋବୁଆ, ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜେଆର୍ ବୋଲ୍‌ସୋନାରୋ, ପୋଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ମେଟି ୟୁଜ୍ ମୋରା ୱିକି ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଶପଥ ଗ୍ରହଣର ଅବ୍ୟବହିତ ପୂର୍ବରୁ ଗତକାଲି ୭୮ ବର୍ଷୀୟ ଶ୍ରୀ ଟ୍ରମ୍ପ ୱାଶିଂଟନ୍ ଡିସି ଠାରେ ଏକ ବିଜୟ ସମାବେଶରେ ଯୋଗଦେଇ ତାଙ୍କ ସମର୍ଥକମାନଙ୍କୁ ସମ୍ବୋଧିତ କରିଥିଲେ ।

## ଜୟଶଙ୍କର-ଜାପାନ ଅଷ୍ଟ୍ରେଲିଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ୱାଶିଂଟନ୍ ଡିସି ଠାରେ ଜାପାନ ପ୍ରତିପକ୍ଷ ତାକେସି ଇ ୱାୟା ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ସେମାନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି ଏବଂ କ୍ୱାଡ ସମ୍ବନ୍ଧୀୟ ବିକାଶ ଉପରେ ଆଲୋଚନା ହୋଇଛି । ଡକ୍ଟର ଜୟଶଙ୍କର ଅଷ୍ଟ୍ରେଲିଆର ବୈଦେଶିକ ବ୍ୟାପାର ମନ୍ତ୍ରୀ ପେନି ୟୋଙ୍ଗ୍‌ଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିଥିବା ସୂଚନା ମିଳିଛି ।

## ଇସ୍ରାଏଲ୍-ହମାସ

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଐତିହାସିକ ଅସ୍ତ୍ର ବିରତିର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକା, ଇଜିପ୍ଟ ଏବଂ କାତାରର ମିଳିତ କୂଟନୈତିକ ପ୍ରୟାସରେ ଦୁଇପକ୍ଷ ମଧ୍ୟରେ ଏହି ଚୁକ୍ତି ହୋଇଥିବା ଜଣାପଡ଼ିଛି । ଚୁକ୍ତି ବଳରେ ୩ ଜଣ ଇସ୍ରାଏଲ୍ ପଣବନ୍ଦୀ ଓ ୯୦ ଜଣ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରାଯାଇଛି । ପଣବନ୍ଦୀ ମୁକ୍ତ ହୋଇଥିବା ୩ଜଣଯାକ ଇସ୍ରାଏଲ୍ ନାଗରିକ ନିଜ ପରିବାରକୁ ଫେରିଛନ୍ତି । ଆସନ୍ତା ୬ ସପ୍ତାହ ମଧ୍ୟରେ ଦୁଇପକ୍ଷ ମଧ୍ୟରେ ବ୍ୟାପକ ପଣବନ୍ଦୀ ବିନିମୟ ନେଇ ରୂପରେଖ ପ୍ରସ୍ତୁତ କରାଯାଇଛି । ଏହାଫଳରେ ୩୩ ଜଣ ଇସ୍ରାଏଲ ପଣବନ୍ଦୀ ଏବଂ ପାଖାପାଖି ୨ ହଜାର ପାଲେଷ୍ଟିନୀୟ କଏଦୀଙ୍କୁ ପ୍ରତ୍ୟର୍ପଣ କରାଯିବାକୁ ବ୍ୟବସ୍ଥା ହୋଇଛି । ଏଥିସହିତ ମାନବିକ ସହାୟତା ସ୍ୱରୂପ ଦୈନିକ ୬୦୦ ରିଲିଫ୍ ସାମଗ୍ରୀ ଟ୍ରକ୍‌କୁ ଗାଜାରେ ପ୍ରବେଶ କରିବାକୁ ଅନୁମତି ଦିଆଯିବା ନେଇ ଆଲୋଚନା ହୋଇଛି ।

ଇତିମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍‌ସ ପକ୍ଷରୁ ୨୦୦ ଟନ୍ ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ନେଇ ୨୦ଟି ଟ୍ରକ୍ ଗାଜାକୁ ପଠାଯାଇଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମେଣ୍ଟ ସରକାରରେ ଅସ୍ତ୍ର ବିରତି ନେଇ ତିକ୍ତତା ଦେଖାଦେଇଥିବା ଜଣାପଡ଼ିଛି। କେତେକ ପ୍ରମୁଖ ନେତା ଏଭଳି ଚୁକ୍ତିକୁ ବିରୋଧ କରିଥିବା ଜଣାପଡ଼ିଛି । ଏକ ଟେଲିଭିଜନ ପ୍ରସାରଣରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି, ପରବର୍ତ୍ତୀ ଆଲୋଚନା ବିଫଳ ହେଲେ ଇସ୍ରାଏଲ୍ ସାମରିକ ଅଭିଯାନ ପୁନଃ ଆରମ୍ଭ କରିବ ।

## ସମ୍ପୁର୍ - ପାୱାର ପ୍ରାଇସ୍

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଶକ୍ତି ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ସମ୍ପୁର ସୌରଶକ୍ତି ପ୍ଲାଣ୍ଟ ୟୁନିଟ୍ ପିଛା ମୂଲ୍ୟ ଚୂଡ଼ାନ୍ତ ହୋଇଛି । ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଗତକାଲି ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଜାତୀୟ ଥର୍ମାଲ ପାୱାର କର୍ପୋରେସନ ଏବଂ ସିଲୋନ୍ ଇଲେକ୍ଟ୍ରିସିଟି ବୋର୍ଡ ମଧ୍ୟରେ ଏ ନେଇ କଥାବାର୍ତ୍ତା ହୋଇଛି । ଘଣ୍ଟାପିଛା ପ୍ରତି କିଲୋୱାଟ୍ ମୂଲ୍ୟ ୫ ଦଶମିକ ୯/୭ ଆମେରିକୀୟ ସେଣ୍ଟ୍ ଚୂଡ଼ାନ୍ତ ହୋଇଛି । ଶ୍ରୀଲଙ୍କାରେ ସ୍ଥାୟୀ ଶକ୍ତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଭାରତର ସହଯୋଗରେ ୧୩୫ ମେଗାୱାଟ୍ ଶକ୍ତିସଂପନ୍ନ ଏହି ପ୍ରକଳ୍ପ ସମ୍ପୁର୍‌ଠାରେ ସ୍ଥାପନ କରାଯାଇଛି ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ ‘ସଡ଼କ ନିରାପତ୍ତା ସୁନିଶ୍ଚିତତା’ ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମେହମୁଦ ଅହମ୍ମଦ ଏବଂ ପରିବହନ ବିଶେଷଜ୍ଞ ଅନିଲ ଛିକାରା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

# ହକି

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗରେ  ଆଜି ଜେ.ଏସ୍.ଡବ୍ଲୁ ସୁରମା ହକି କ୍ଲବ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ହେବ । ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମଠାରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଖେଳାଯିବ ।

ଓଡ଼ିଶାର ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଅନୁଷ୍ଠିତ ଗତକାଲିର ମହିଳା ବର୍ଗ ମ୍ୟାଚ୍‌ରେ  ଓଡ଼ିଶା ୱାରିଅର୍ସ ୪-୧ ଗୋଲ୍‌ରେ ଶ୍ରାଚୀ ରାଢ଼ ବେଙ୍ଗଲ ଟାଇଗର୍ସକୁ ହରାଇ ବିଜୟ ହାସଲ କରିଛି । ଏହି ବିଜୟ ଫଳରେ ୮ ପଏଣ୍ଟ ହାସଲ କରି ଓଡ଼ିଶା ୱାରିଅର୍ସ ତାଲିକାର ଶୀର୍ଷରେ ପହଞ୍ଚିଛି ।

ସେହିପରି ପୁରୁଷ ବର୍ଗରେ ଆଜି  ଶ୍ରାଚୀ ରାଢ଼ ବେଙ୍ଗଲ ଟାଇଗର୍ସ ଏବଂ ସୁର୍‌ମା ହକି କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଏହି ମ୍ୟାଚ୍ ରାତି  ୮ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବ ।  ଏହି ବର୍ଗର ଗତକାଲିର ମ୍ୟାଚ୍‌ରେ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ' ଦିଲ୍ଲୀ ଏସ୍.ଜି. ପାଇପର୍ସକୁ ୩-୨ ସୁଟ୍‌ଆଉଟ୍ ଗୋଲ୍‌ରେ  ପରାସ୍ତ କରିଥିଲା ।